# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 15 March - 2026

********************************

## ମୁଖ୍ୟ ସମ୍ବାଦ

- ଆସାମ, କେରଳମ୍, ତାମିଲନାଡୁ, ପଶ୍ଚିମବଙ୍ଗ ଓ ପୁଡୁଚେରୀ ପାଇଁ ନିର୍ବାଚନ ତାରିଖ ଘୋଷଣା କଲେ ଭାରତର ନିର୍ବାଚନ କମିଶନ
- ପାରାଦ୍ୱୀପକୁ ଦେଶର ଏକ ବୃହତ୍ ଅର୍ଥନୈତିକ ଅଞ୍ଚଳରେ ପରିଣତ କରିବା ପାଇଁ ରାଜ୍ୟ ସରକାର ନେଉଛନ୍ତି ପଦକ୍ଷେପ; କହିଲେ ମୁଖ୍ୟମନ୍ତ୍ରୀ
- ଓଡ଼ିଶାର ୪ଟି ରାଜ୍ୟସଭା ଆସନ ପାଇଁ ଆସନ୍ତାକାଲି ହେବ ଭୋଟ

ଏବଂ

- 'ନିରାପଦ ଉତ୍ପାଦ ଓ ଆଶ୍ୱସ୍ତ ଉପଭୋକ୍ତା'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଉପଭୋକ୍ତା ଅଧିକାର ଦିବସ

Desk

## ଇସି-ଆସେମ୍ବ୍ଲି ଇଲେକ୍ସନ୍

ଭାରତର ନିର୍ବାଚନ ଆୟୋଗ’ ଆଜି ଆସାମ, କେରଳମ୍, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ଆସାମ, କେରଳ, ପୁଡୁଚେରୀ ଏବଂ ତାମିଲନାଡୁରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହେବ। ୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ପାଇଁ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ନୂଆଦିଲ୍ଲୀରେ ଗଣମାଧ୍ୟମକୁ କହିଛନ୍ତି। ନିର୍ବାଚନ କାର୍ଯ୍ୟସୂଚୀ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇ ଶ୍ରୀ ଜ୍ଞାନେଶ କୁମାର କହିଛନ୍ତି, ଆସାମ, କେରଳମ୍ ଏବଂ ପୁଡୁଚେରୀରେ ଏପ୍ରିଲ୍ ମାସ ୯ ତାରିଖରେ ମତଦାନ ହେବ। ତାମିଲନାଡୁ ବିଧାନସଭା ପାଇଁ ଏପ୍ରିଲ୍ ମାସ ୨୩ ତାରିଖରେ ଭୋଟ ଗ୍ରହଣ କରାଯିବ। ଶ୍ରୀ କୁମାର କହିଛନ୍ତି, ୫ଟି ବିଧାନସଭା ଆସନ ଅନ୍ତର୍ଗତ ୮୨୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୭ କୋଟିରୁ ଉର୍ଦ୍ଧ୍ୱ ଯୋଗ୍ୟ ଭୋଟର ମତଦାନ ସାବ୍ୟସ୍ତ କରିବେ । ନିର୍ବାଚନ ତାରିଖ ଘୋଷଣା ହେବା ପରେ ଆଜିଠାରୁ ସେହି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯାଇଛି ।

HS

## ମୁଖ୍ୟମନ୍ତ୍ରୀ- ପାରାଦ୍ୱୀପ

ପାରାଦ୍ୱୀପକୁ ଦେଶର ଏକ ବୃହତ ଅର୍ଥନୈତିକ ଅଞ୍ଚଳରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପାରାଦ୍ୱୀପଠାରେ ବିଭିନ୍ନ ବୃହତ ଶିଳ୍ପ ପ୍ରତିଷ୍ଠା

ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ଯୋଗଦେଇ ପାରାଦ୍ୱୀପ ପୋର୍ଟର ସମ୍ପ୍ରସାରଣ, ଜାହାଜ ନିର୍ମାଣ ଓ ମରାମତି କାରଖାନା, ଜମି ଅଧିଗ୍ରହଣ ସମେତ ବନ୍ଦରର ବିକାଶ ସମ୍ପର୍କିତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ସମୀକ୍ଷା କରିଥିଲେ। ସ୍ଥାନୀୟ ଯୁବକଙ୍କୁ ଏହି ସବୁ ପ୍ରକଳ୍ପଗୁଡ଼ିକରେ ନିଯୁକ୍ତି ଦେବା ସହିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

Desk

# ରାଜ୍ୟସଭା ନିର୍ବାଚନ

ରାଜ୍ୟସଭା ନିର୍ବାଚନ ପାଇଁ ଆସନ୍ତାକାଲି ନିର୍ବାଚନ ହେବ। ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ ବୋଲି ଜଣାଯାଇଛି। ଗୃହ କାର୍ଯ୍ୟ ଚାଲିବା ସହିତ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ମତଦାନ କରାଯିବ। ଓଡ଼ିଶାରେ ୪ଟି ଆସନ ପାଇଁ ୫ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ବିଜେପି ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର, ବିଜେଡି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ, କଂଗ୍ରେସ-ବିଜେଡି ସମର୍ଥିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତା ପ୍ରାର୍ଥି ହୋଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି, ବିଜେଡି ଓ କଂଗ୍ରେସ ସେମାନଙ୍କର ଏଜେଣ୍ଟ ନିଯୁକ୍ତ କରିଛନ୍ତି। ଓପନ୍ ବ୍ୟାଲାଟ ମାଧ୍ୟମରେ ଦଳୀୟ ଏଜେଣ୍ଟଙ୍କୁ ଦେଖାଇ ବିଧାୟକମାନେ ମତାଧିକାର ସାବ୍ୟସ୍ତ କରିବେ ବୋଲି ଜଣାପଡ଼ିଛି। ବିଧାନସଭା

ସଚିବାଳୟ ପରିସରରେ ବିଧାୟକମାନଙ୍କ ପାଇଁ ଗତକାଲି ଭୋଟ୍ ବାବଦରେ ମକ୍‌ପୋଲିଂ ହୋଇଥିଲା ।

PR

## ଧର୍ମେନ୍ଦ୍ର ପ୍ରଧାନ- ମାରଓ୍ୱାଡ଼ି ସମ୍ମିଳନୀ

ଇତିହାସ ହିଁ ଭବିଷ୍ୟତର ସମୃଦ୍ଧି ପାଇଁ ଶ୍ରେଷ୍ଠ ମାର୍ଗଦର୍ଶକ ବୋଲି କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସମ୍ବଲପୁରଠାରେ 'ଉତ୍କଳ ପ୍ରଦେଶିକ ମାରଓ୍ୱାଡ଼ି ସମ୍ମିଳନୀର ପ୍ରାନ୍ତୀୟ ଅଧିବେଶନ ଶିଖର-୨୦୨୬'ରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ସଭ୍ୟତା ଓ ସଂସ୍କୃତିକୁ ବୁଝି ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ହୋଇପାରିବ । ରାଜ୍ୟର ୫୦ ହଜାରରୁ ଅଧିକ ଗାଁକୁ ବିକଶିତ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି ।

ପାଠପଢ଼ାକୁ ଗୁରୁତ୍ୱ ଦେଲେ ହିଁ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ । ଗଛ ଲଗାଇବା ସହ ମାତୃଭାଷାକୁ ପ୍ରୋତ୍ସାହନ ଦେବା ସମୟର ଆବଶ୍ୟକତା ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

Puri

## ପୁରୀ-ରଥଯାତ୍ରା

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଆଜି ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷାର ସମୀକ୍ଷା କରିଛନ୍ତି । ଗତକାଲି ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ବର୍ଷର ରଥଯାତ୍ରା ପରିଚାଳନା ପାଇଁ ଦାୟିତ୍ୱ ମିଳିବା ପରେ ଶ୍ରୀ ପ୍ରିୟଦର୍ଶୀ ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ

ବାଗାଡ଼ିଆ ଧର୍ମଶାଳାର ସିସିଟିଭି କଣ୍ଟ୍ରୋଲ ରୁମ୍ ବୁଲି ଦେଖିଥିଲେ। ପୁଲିସ ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ସୁରକ୍ଷା ସମ୍ବନ୍ଧରେ ଜିଲ୍ଲା ପୁଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଶ୍ରୀ ପ୍ରିୟଦର୍ଶୀଙ୍କୁ ଅବଗତ କରାଇଥିଲେ।

Desk

## ବିଶ୍ୱ ଉପଭୋକ୍ତା ଦିବସ

ଉପଭୋକ୍ତା ଅଧିକାର ଏବଂ ସୁରକ୍ଷା ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନ କରାଯାଉଛି। ଉପଭୋକ୍ତାଙ୍କ ମୌଳିକ ଅଧିକାରକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଏହାକୁ ସୁରକ୍ଷିତ ରଖିବା ନେଇ ପ୍ରତ୍ୟେକ ବର୍ଷ ଏହି ଦିବସ ପାଳନ କରାଯାଇଥାଏ।  ଚଳିତ ବର୍ଷର ବିଷୟ ବସ୍ତୁ ରହିଛି 'ନିରାପଦ ଉତ୍ପାଦ, ଆଶ୍ୱସ୍ତ ଉପଭୋକ୍ତା'।

Desk

## ରାଜ୍ୟ ଖାଉଟି ଦିବସ ପାଳନ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱର ଜୟଦେବ ଭବନଠାରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ବିଶିକେଶନ ଦେହୁରୀ ମୁଖ୍ୟ ଅତିଥିଭାବେ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଦିବସ ପାଳନର ଆଭିମୁଖ୍ୟ ଏବଂ ଡିଜିଟାଲ ଦୁନିଆରେ ଉପଭୋକ୍ତା ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ଖାଉଟି ବିବାଦ ପ୍ରତିକାର ଆୟୋଗର ସଦସ୍ୟା ସୁଶ୍ରୀ ଶୁଭଲକ୍ଷ୍ମୀ

ତ୍ରିପାଠୀ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଜାଗ୍ରତ ଉପଭୋକ୍ତା ସମାଜ ଗଠନ ଦିଗରେ ମଜଭୁତ ହେବା ପାଇଁ ପରାମର୍ଶ ଦେଇଥିଲେ ।

Deogarh/Nayagarh

## ଜିଲ୍ଲା-ଉପଭୋକ୍ତା ଦିବସ

ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନରେ ଜିଲ୍ଲାପାଳ ମଧୁମିତା ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖାଉଟି ଯେପରି ଠକେଇର ଶିକାର ହେବେ ନାହିଁ ସେଥିପ୍ରତି ଗୁରୁତ୍ୱ ଦେବା ଲାଗି କହିଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲା ଖାଉଟି ବିବାଦ ଓ ପ୍ରତିକାର ମଞ୍ଚ ପକ୍ଷରୁ ଖାଉଟି ସଚେତନତା ଓ ସଚେତନ ନାଗରିକ ସମ୍ବନ୍ଧିତ ଆଲୋଚନା ହୋଇଥିଲା ।

ଦେବଗଡ଼ ଜିଲ୍ଲା ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୌଣସି ଜିନିଷ କିଣିବା ପୂର୍ବରୁ ମୂଲ୍ୟ ଓ ତା'ର ଅବଧି ତାରିଖକୁ ଧ୍ୟାନ ଦେବା ପାଇଁ ଗ୍ରାହକ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ଖାଉଟିମାନେ ସେମାନଙ୍କର ଅଧିକାରକୁ ଉଚିତ ଢଙ୍ଗରେ ସାବ୍ୟସ୍ତ କରିବା ପାଇଁ ବକ୍ତାମାନେ ଉପସ୍ଥିତ ଜନତାଙ୍କୁ କହିଥିଲେ ।

BHK/Boudh

## ଗ୍ୟାସ ଯୋଗାଣ

ବୌଦ୍ଧ ଜିଲ୍ଲାରେ ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ ଯୋଗାଣ ବ୍ୟବସ୍ଥାକୁ ସୁଗମ କରିବା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ

କରାଯାଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଡିଲରଙ୍କୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗ୍ୟାସ, ପେଟ୍ରୋଲ ଓ ଡିଜେଲର କଳାବଜାରୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି । ଜିଲ୍ଲାରେ ଇନ୍ଧନ ଯୋଗାଣ ବ୍ୟବସ୍ଥା ସୂଚାରୁଭାବେ ଚାଲୁ ରଖିବା ପାଇଁ ଜିଲ୍ଲାପାଳ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି ।

ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ବିତରକ ତେଲ କମ୍ପାନୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ନେଇ ରନ୍ଧନ ଗ୍ୟାସ ଯୋଗାଣ ବ୍ୟବସ୍ଥାକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ଆଲୋଚନା ହୋଇଛି । ଜନସାଧାରଣଙ୍କୁ ନିୟମିତ ଓ ବିନା ବାଧାରେ ରନ୍ଧନ ଗ୍ୟାସ ଯୋଗାଣ ଓ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

Kendrapara

## ସ୍ୱାସ୍ଥ୍ୟ ଶିବିର

କେନ୍ଦ୍ରାପଡ଼ା ଜିଲ୍ଲା ପାଇଲୋ ଗ୍ରାମସ୍ଥିତ ମହାକାଳୀ ବିଦ୍ୟାପୀଠ ପରିସରରେ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସା ପାଇଁ ପଞ୍ଜୀକରଣ କରିଥିବା ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ୧୦ଟି ପଞ୍ଚାୟତର ୧ ହଜାରରୁ ଅଧିକ ବ୍ୟକ୍ତିଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟ ପରୀକ୍ଷା ପ୍ରଦାନ କରାଯିବା ସହ ମାଗଣାରେ ଔଷଧ ବିତରଣ କରାଯାଇଛି । ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା । ଗରିବ ଓ ଆର୍ଥିକ ଦୁର୍ବଳ ବର୍ଗର ଦିବ୍ୟାଙ୍ଗମାନଙ୍କୁ ମାଗଣାରେ ଉପକରଣ ପ୍ରଦାନ କରାଯାଇଥିଲା ।

Malkangiri

## ଉନ୍ନୟନମୂଳକ କାର୍ଯ୍ୟ

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ପୋଲେରୁ ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଅନୁଧ୍ୟାନ କରିଛନ୍ତି। ଜିଲ୍ଲାପାଳ ଜନସାଧାରଣଙ୍କ ସୁବିଧା ଓ ସଂସ୍କୃତିର ସୁରକ୍ଷାର ବାର୍ତ୍ତା ଦେଇ  ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ପର୍ଯ୍ୟଟନର ବିକାଶ ପାଇଁ ପ୍ରଶାସନ ପକ୍ଷରୁ ଜାରି ରହିଥିବା ମାନ୍ୟମ କୋଣ୍ଡା ଅଞ୍ଚଳର ପ୍ରସିଦ୍ଧ ପୀଠର ଉନ୍ନତିମୂଳକ କାର୍ଯ୍ୟକୁ ମଧ୍ୟ ସମୀକ୍ଷା କରିଥିଲେ।

Subarnpur

## ଅଷ୍ଟଶମ୍ଭୁ ଐତିହ୍ୟ ପଦଯାତ୍ରା

କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଦିଗରେ କାର୍ଯ୍ୟରତ ସର୍ବଭାରତୀୟ ଅନୁଷ୍ଠାନ- ଇନଟାକ୍’ର ପକ୍ଷରୁ ସୁବର୍ଣ୍ଣପୁରଠାରେ ଅଷ୍ଟଶମ୍ଭୁ ଐତିହ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଞ୍ଚରଥ ମନ୍ଦିର ସମ୍ମୁଖରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁବର୍ଣ୍ଣପୁରର ଅଷ୍ଟଶମ୍ଭୁ ନାମକ ଏକ ସୂଚନା ପୁସ୍ତିକାକୁ ଉନ୍ମୋଚିତ କରିଥିଲେ।

Kandhamal/HS

## କାଳବୈଶାଖୀ

ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ଝଡ଼, ବଜ୍ରପାତ ଏବଂ ପବନ ବହିବାର ସମ୍ଭାବନା ରହିଛି। ସୁନ୍ଦରଗଡ଼, ମୟୂରଭଞ୍ଜ,

କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ କାଳବୈଶାଖୀ ସମ୍ପର୍କିତ ସତର୍କ ସୂଚନା ଜାରି କରାଯାଇଛି। କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ରାଇକିଆ ଅଞ୍ଚଳରେ ଆଜି ଅପରାହ୍ନରେ ପ୍ରାୟ ୧ ଘଣ୍ଟା ଧରି ବଜ୍ରପାତ ଓ ପ୍ରବଳ କୁଆପଥର ବର୍ଷା ହୋଇଥିଲା। ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ କାଳବୈଶାଖୀର ପ୍ରଭାବରେ ସାମାନ୍ୟ କ୍ଷୟକ୍ଷତି ହୋଇଥିବା ସମ୍ବାଦ ଆମର ହସ୍ତଗତ ହୋଇଛି।